# NATIONAL NEWS BULLETIN (ODIA)

## 20 November - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବ୍ରାଜିଲରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଅଂଶଗ୍ରହଣ କରିବା ପରେ ଗୁଆନାକୁ ତିନିଦିନିଆ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଦକ୍ଷିଣ ଆଫ୍ରିକାକୁ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର ସହିତ ଶେଷହେଲା ଉନ୍ନବିଂଶତମ ଜି-୨୦ ସମ୍ମିଳନୀ ।
- ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଓ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଏହି କିଛିସମୟ ପୂର୍ବରୁ ଆରମ୍ଭ ହୋଇଛି ମତଦାନ ।
- ଜାତୀୟ କୃଷି ସମ୍ମିଳନୀ-୨୦୨୪ ଆଜିଠାରୁ ଆରମ୍ଭ ହେଉଛି ଜାମ୍ମୁରେ ।

ଏବଂ

- ମହିଳା ଏସିଆ ହକି ଚାମ୍ପିୟନ୍ସ ଟ୍ରଫି ୨୦୨୪ର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ ଭେଟିବ ଚୀନ୍‌କୁ ।

# ପିଏମ୍-ଗୁଆନା ଭିଜିଟ୍

ରିଓ ଡି ଜେନେରିଓଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଅଂଶଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତ୍ରିଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଗୁଆନାକୁ ତିନିଦିନିଆ ଗସ୍ତ କରିଛନ୍ତି । ୧୯୬୮ ମସିହା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ପ୍ରଥମଥର ଲାଗି ସେଠାକୁ ଗସ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଜର୍ଜଟାଉନ୍‌ଠାରେ ଗୁଆନା ରାଷ୍ଟ୍ରପତି ଡକ୍ଟର ମହମ୍ମଦ ଇର୍‌ଫାନ ଅଲ୍ଲୀଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ସେଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କ୍ୟାରିକମ୍-ଭାରତ ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ଅବସରରେ ସଂପୃକ୍ତ ଅଞ୍ଚଳର ରାଷ୍ଟ୍ରଗୁଡ଼ିକ ସହିତ ଭାରତର ବହୁଦିନର ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ମୋଦୀ କ୍ୟାରିକମ୍‌ର ସଦସ୍ୟ ଦେଶଗୁଡ଼ିକର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ପ୍ରଧନାମନ୍ତ୍ରୀ ଗୁଆନା ସଂସଦ ଭବନରେ ସେଠାକାର ସାଂସଦମାନଙ୍କୁ ଉଦ୍‌ବୋଧନ ଦେବା ସହିତ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଜି୨୦ ଆଡ୍ରେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲର ରିଓ ଡି ଜେନେରିଓଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀର ଦ୍ୱିତୀୟ ଦିନରେ ସ୍ଥାୟୀ ବିକାଶ ଓ ଶକ୍ତି ପରିବର୍ତ୍ତନ ସମ୍ପର୍କିତ ପ୍ରଥମ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଗତବର୍ଷ ନିଜ ଅଧ୍ୟକ୍ଷତା ସମୟରେ ୨୦୩୦ ମସିହା ସୁଦ୍ଧା ଅକ୍ଷୟଶକ୍ତି କ୍ଷମତାକୁ ତିନିଗୁଣ କରିବା ଏବଂ ଶକ୍ତି କାର୍ଯ୍ୟଦକ୍ଷତାକୁ ଦୁଇଗୁଣ କରିବାଲାଗି ନିଷ୍ପତ୍ତି ନେଇଥିଲା । ବ୍ରାଜିଲ ନିରନ୍ତର ବିକାଶ ଉପରେ ପ୍ରାଧାନ୍ୟ ଦେବା ସହ ଏହି ନିଷ୍ପତ୍ତିକୁ ଆଗେଇନେବା ଦିଗରେ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି । ନିରନ୍ତର ବିକାଶ ଦିଗରେ ଭାରତ ନେଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଗତ ୧୦ବର୍ଷ ମଧ୍ୟରେ ଦେଶର ୪କୋଟି ପରିବାରକୁ ସରକାର ଘର ଯୋଗାଇ ଦେଇଥିବାବେଳେ ୧୨କୋଟି ପରିବାରକୁ ଗତ ୫ ବର୍ଷ ମଧ୍ୟରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଯାଇଛି । ସେହିଭଳି ୧୦କୋଟି ପରିବାରକୁ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ସହ ସାଢ଼େ ୧୧କୋଟି ପରିବାରକୁ ସରକାରଙ୍କ ପକ୍ଷରୁ ଶୌଚାଳୟ ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୩୦ ମସିହା ସୁଦ୍ଧା ୫୦୦ ଗିଗାୱାଟର ଅକ୍ଷୟଶକ୍ତି ଉତ୍ପାଦନ କରିବା ଲାଗି ଭାରତ ଲକ୍ଷ୍ୟ ରଖିଛି, ସେଥିମଧ୍ୟରୁ ୨୦୦ ଗିଗାୱାଟର ଲକ୍ଷ୍ୟ ହାସଲ ହୋଇସାରିଛି । ଏତଦ୍‌ବ୍ୟତୀତ ଏକ

ନିରନ୍ତର ତଥା ସୁରକ୍ଷିତ ବିଶ୍ୱ ଲାଗି ଭାରତ ପକ୍ଷରୁ ଆନ୍ତର୍ଜାତିକ ସୌର ମେଣ୍ଟ, ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ଲାଗି ମିଳିତ ପ୍ରୟାସ, ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ଏବଂ ଏକ ସୂର୍ଯ୍ୟ-ଏକ ବିଶ୍ୱ-ଏକ ଗ୍ରୀଡ୍ ଆଦି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ସେହିଭଳି ବିଶ୍ୱର ନିରନ୍ତର ବିକାଶ ଲାଗି ଗ୍ଲୋବାଲ ସାଉଥ୍ ବିଶେଷକରି ଛୋଟ ଦ୍ୱିପାଞ୍ଚଳ ବିକାଶଶୀଳ ରାଜ୍ୟଗୁଡ଼ିକ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

# ପିଏମ୍-ଜି୨୦ : ଅଷ୍ଟ୍ରେଲିଆ, ଚିଲି

ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଅଷ୍ଟ୍ରେଲିୟା ପ୍ରତିପକ୍ଷ ଆନ୍ଥୋନି ଆଲ୍‌ବାନିଜଙ୍କ ସହିତ ଦ୍ୱିତୀୟ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି । ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ଓ ନିରାପତ୍ତା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶିକ୍ଷା ଓ ଦକ୍ଷତା ବିକାଶ, କ୍ରୀଡ଼ା ଓ ମହାକାଶ ଏବଂ ଜନସମ୍ପର୍କ କ୍ଷେତ୍ରରେ ଥିବା ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ନେତା ଏହି ଅବସରରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ସେହିଭଳି ପ୍ରଥମ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ସମ୍ମିଳନୀରେ ସ୍ୱାକ୍ଷରିତ ହୋଇଥିବା ଅକ୍ଷୟଶକ୍ତି ଭାଗିଦାରୀ ଯୋଜନାର ଇତିମଧ୍ୟରେ ଶୁଭାରମ୍ଭ କରାଯାଇଥିବାରୁ ଉଭୟ ନେତା ଏହାର ସ୍ୱାଗତ କରିଛନ୍ତି ।

ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚିଲିର ରାଷ୍ଟ୍ରପତି ଗାବ୍ରିଏଲ ବୋରିକ୍ ଫଣ୍ଟଙ୍କ ସହିତ ଔଷଧ, ବୈଷୟିକ ଜ୍ଞାନକୌଶଳ ଓ ମହାକାଶ ଆଦି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇଙ୍କ ସହିତ ପ୍ରତିରକ୍ଷା ଉତ୍ପାଦନ, ବାଣିଜ୍ୟ, ଶକ୍ତି ଓ ସଂସ୍କୃତି ଆଦି କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗକୁ ସୁଦୃଢ଼ କରିବା ଲାଗି ଆଲୋଚନା କରିଛନ୍ତି ।

# ଜି-୨୦ ଉଦ୍ଯାପିତ

ଊନବିଂଶତମ ଜି-୨୦ ସମ୍ମିଳନୀ ଗତକାଲି ବ୍ରାଜିଲଠାରେ ଶେଷ ହୋଇଛି । ଏଥିସହିତ ବର୍ତ୍ତମାନର ଅଧ୍ୟକ୍ଷ ତଥା ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍ଭା ଜି-୨୦ର ଅଧ୍ୟକ୍ଷ ଦାୟିତ୍ୱ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଇରିଲ ରାମାଫୋସାଙ୍କୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଗତକାଲି ଆୟୋଜିତ ଉଦ୍ଯାପନୀ ସମାରୋହରେ ଉଦ୍ବୋଧନ ଦେଇ ଶ୍ରୀ ଲୁଲା ବ୍ରାଜିଲର ଅଧ୍ୟକ୍ଷତା କାଳରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ କ୍ଷୁଧା ଓ ଦାରିଦ୍ର୍ୟ ବିପକ୍ଷରେ ବିଶ୍ୱ ମେଣ୍ଟର ଶୁଭାରମ୍ଭ କରାଯିବା ସହ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟମାନଙ୍କ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ଅର୍ଥନୀତି ସମ୍ପର୍କିତ ପ୍ରଥମ ବହୁବିଧ ଚିଠା ମଞ୍ଜୁର କରାଯାଇଛି । ଏଥିସହ ବ୍ରାଜିଲ ପକ୍ଷରୁ ମହିଳା ସଶକ୍ତିକରଣ କାର୍ଯ୍ୟଗୋଷ୍ଠୀ ପ୍ରତିଷ୍ଠା, ଜାତିଗତ ସମାନତାକୁ

ପ୍ରୋତ୍ସାହିତ କରିବା ଲାଗି ନିରନ୍ତର ବିକାଶ ଲକ୍ଷ୍ୟଧାର୍ଯ୍ୟ, ଟିକା ଓ ଔଷଧର ସ୍ଥାନୀୟ ଓ ଆଞ୍ଚଳିକ ଉତ୍ପାଦନ ନିମନ୍ତେ ମିଳିତ ପ୍ରଚେଷ୍ଟା ଏବଂ ୨୦୩୦ ମସିହା ସୁଦ୍ଧା ବିଶ୍ୱ ଅକ୍ଷୟଶକ୍ତିକୁ ତିନିଗୁଣା କରିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଆଦି ପଦକ୍ଷେପ ଉପରେ ଶ୍ରୀ ଲୁଲା ଆଲୋକପାତ କରିଛନ୍ତି ।

## ଝାଡ଼ଖଣ୍ଡ-ମହା ପୋଲ

ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଓ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଆଜି ମତଦାନ ଆରମ୍ଭ ହୋଇଛି । ଝାଡ଼ଖଣ୍ଡରେ ଏହି ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ୧୨ଟି ଜିଲ୍ଲାର ୩୮ଟି ବିଧାନସଭା ମଣ୍ଡଳୀରେ ଆଜି ସକାଳ ୭ଟାରୁ ଭୋଟ୍‌ଗ୍ରହଣ ଆରମ୍ଭ ହୋଇଛି । ତେବେ ନକ୍ସଲ ପ୍ରଭାବିତ ୩୧ଟି ବୁଥ୍‌ରେ ସୁରକ୍ଷା କାରଣରୁ ଭୋଟ୍‌ଗ୍ରହଣ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଅନ୍ୟ ସମସ୍ତ କେନ୍ଦ୍ରରେ ଏହା ଅପରାହ୍ଣ ୫ଟାରେ ଶେଷ ହେବ । ଏହି ପର୍ଯ୍ୟାୟରେ ମୋଟ୍ ୫୨୮ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଆଜିକାର ନିର୍ବାଚନରେ ଯେଉଁ ପ୍ରମୁଖ ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରିତ ହେବ ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ବାଚସ୍ପତି ରବୀନ୍ଦ୍ରନାଥ ମାହାତୋ, ରାଜ୍ୟ ବିଜେପି ସଭାପତି ବାବୁଲାଲ ମାରାଣ୍ଡି, ବିରୋଧୀଦଳ ନେତା ଅମରନାଥ କୁମାର

ବାଉରୀ, ଏ.ଜେ.ଏସ୍.ୟୁ ସଭାପତି ସୁଦେଶ କୁମାର ମାହାତୋ ଓ କଳ୍ପନା ସୋରେନ ଏବଂ ୪ଜଣ ମନ୍ତ୍ରୀ ଇରଫାନ ଆନ୍‌ସାରୀ, ହାଫିଜୁଲ ହାସନ, ଦୀପିକା ପାଣ୍ଡେ ସିଂ ଓ ବେବି ଦେବୀ ଅନ୍ତର୍ଭୁକ୍ତ ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏ. ରବିକୁମାର ନିର୍ଭିକ ଭାବେ ନିଜର ମତାଧିକାର ସାବ୍ୟସ୍ତ କରିବା ଲାଗି ମତଦାତାମାନଙ୍କୁ ନିବେଦନ କରିଛନ୍ତି । ଆନ୍ତଃଜିଲ୍ଲା ସୀମାକୁ ସିଲ୍ କରାଯିବା ସହ ଅନୁପ୍ରବେଶକାରୀ ଏବଂ ଅସାମାଜିକ ତତ୍ତ୍ୱକୁ ରୋକିବା ଲାଗି ରାଜ୍ୟକୁ ଲାଗିଥିବା ବିହାର ଓ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ ଅପରେସନ ଆରମ୍ଭ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

ମହାରାଷ୍ଟ୍ର ବିଧାନସଭାର ସମସ୍ତ ୨୮୮ଟି ଆସନ ଲାଗି ଆଜି ଏକକ ପର୍ଯ୍ୟାୟରେ ମତଦାନ କରାଯାଉଛି । ଏହା ସକାଳ ୭ଟାରୁ ଆରମ୍ଭ ହୋଇ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି । ରାଜ୍ୟରେ ୨ହଜାର ୮୬ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ୍ ୪ହଜାର ୧୩୬ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏଥିଲାଗି ରାଜ୍ୟବ୍ୟାପୀ ୧ଲକ୍ଷ ୪୨୭ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ସେଠାରେ ପ୍ରାୟ ୫ଲକ୍ଷ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍. ଚୋକାଲିଙ୍ଗମ କହିଛନ୍ତି ।

ଏଥିସହ ମହାରାଷ୍ଟ୍ରର ନାନ୍ଦେଦ ସଂସଦୀୟ ଆସନ ଏବଂ ପଞ୍ଜାବ, ଉତ୍ତରପ୍ରଦେଶ, କେରଳ ଓ ଉତ୍ତରାଖଣ୍ଡର ୧୫ଟି ବିଧାନସଭା ଆସନ ଲାଗି ଆଜି ଉପ ନିର୍ବାଚନ ଅନୁଷ୍ଠିତ ହେଉଛି । ଏହି ସମସ୍ତ ନିର୍ବାଚନର ଭୋଟ୍‌ଗଣତି ଆସନ୍ତା ଶନିବାର କରାଯିବା ପରେ ଫଳାଫଳ ଘୋଷଣା କରାଯିବ ।

## ଜାତୀୟ କୃଷି ସମ୍ମିଳନୀ

ଜାତୀୟ କୃଷି ସମ୍ମିଳନୀ-୨୦୨୪ ଆଜିଠାରୁ ଜାମ୍ମୁରେ ଆରମ୍ଭ ହେବ । ସ୍ଥାନୀୟ ସେର୍-ଇ-କାଶ୍ମୀର କୃଷିବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଆଜିଠାରୁ ୪ ଦିନ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ବିଶ୍ୱରେ କୃଷି କ୍ଷେତ୍ରରେ ଦେଖାଦେଇଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣେଇବା ଏବଂ ଉତ୍ପାଦନ ବୃଦ୍ଧି କରିବା ଦିଗରେ କୃଷକ ମାନଙ୍କର ଜ୍ଞାନ ବୃଦ୍ଧି କରିବା ଲାଗି ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ଜାମ୍ମୁକାଶ୍ମୀର, ପଞ୍ଜାବ, ହିମାଚଳପ୍ରଦେଶ, ହରିୟାଣା, ଉତ୍ତରାଖଣ୍ଡ ଓ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ପ୍ରାୟ ୧୫ହଜାର ଚାଷୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମହିଳା ହକି

ମହିଳା ଏସିଆ ହକି ଚାମ୍ପିୟନ୍ସ ଟ୍ରଫି ୨୦୨୪ର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ’ ଚୀନ୍‌କୁ ଭେଟିବ । ଆଜି ଅପରାହ୍ଣ ୪ଟା ୪୫ ମିନିଟ୍‌ରେ ବିହାରର ରାଜଗୀର ହକି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ଭାରତ ଏପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଛି ଏବଂ ମୋଟ୍ ୧୫ ପଏଣ୍ଟ ସହିତ ପଏଣ୍ଟ ତାଲିକାର ଶୀର୍ଷରେ ସ୍ଥାନ ପାଇଛି । ଗତକାଲି ଅନୁଷ୍ଠିତ ସେମିଫାଇନାଲରେ ଭାରତ’ ଜାପାନ୍‌କୁ ୨-୦ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି ।

## ବ୍ୟାଡମିଣ୍ଟନ

ଚୀନ୍ ମାଷ୍ଟର୍ସ ୨୦୨୪ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଗତକାଲି ସେନ୍‌ଝେନ୍‌ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତର ଅନୁପମା ଉପାଧ୍ୟାୟ ଚୀନ୍‌ର ବିୱେନ ଝାଙ୍ଗ୍‌ଙ୍କୁ ୨୧-୧୭, ୮-୨୧ ଓ ୨୨-୨୦ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିଭଳି ଭାରତର ମିକ୍ସଡ୍ ଡବଲ୍ ଖେଳାଳି ବି. ସୁମିତ ରେଡ୍ଡୀ ଏବଂ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ବିଜୟ ହାସଲ କରିଛନ୍ତି । ୩୨ ରାଉଣ୍ଡ ଖେଳରେ ୨୩-୨୧, ୧୭-୨୧, ୨୧-୧୭ ସେଟ୍‌ରେ ଭାରତୀୟ ଯୋଡ଼ି ଆମେରିକୀୟ ଯୋଡ଼ି ପେଜ୍‌ଲେ ସ୍ମିଥ୍ ଏବଂ ଜେନି ଗାଇଙ୍କୁ ପରାସ୍ତ କରିଛନ୍ତି ।